

# ସତ୍ୟବାକ୍ୟ

# THE WORD OF TRUTH

## SEPTEMBER & OCTOBER 2015

An Oriya Bimonthly Bulletin
Published by the Church of Christ

THE VOICE OF TRUTH
Edited & Published By
Joshua & Kabita Gootam.
CHURCH OF CHRIST
P.O.Box.No.80,Kakinada
A.P.-533 001
Ph:0884-2363722

**Vol.20.Sep & Oct-2015-No-5**

Published every two months in ORIYA langage for the Restoration of pure New Testment Christanity.

## Every Child Will Follow Someone

Every child will follow someone;
We never know just whose
life will be his pattern;
Whose examples he will use.
A son may mimic father,
Try to copy how he walks;
Listen to his father's stories;
Use his languase when he talks.
A daughter may use mother
To set her standards by
And things she sees her mother do
Are things she wants to try.
Whether relative or neighbor,
A pattern you may be.
Every child will follow someone,
And it might be you or me.

**-Earlene Rose**

# ସତ୍ୟବାଣୀ

# VOICE OF TRUTH

**VOL - XX    KAKINADA    SEP-OCT-2015**


## ଯୀଶୁଖ୍ରୀଷ୍ଟଙ୍କ ନାମ

### (The Name of Christ)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପରମେଶ୍ୱରଙ୍କ ନାମ ନୂତନ ନିୟମରେ ଅନେକ ଥର ଉଲ୍ଲେଖ କରାଯାଏ । ନାମର ପ୍ରାଧାନ୍ୟତା କିଛି ନାହିଁ ବୋଲି ଅନେକ ମନୋଭାବ । ଅନ୍ୟାନ୍ୟ ନାମଗୁଡ଼ିକର ପ୍ରାଧାନ୍ୟତା ଥାଇ ନ ପାରେ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋତ୍କୃଷ୍ଟ ଓ ମହାନତାର ନାମ ଅଟେ ।

୧) ପରମେଶ୍ୱରଙ୍କ ପ୍ରଜାମାନେ ଏକ ନୂତନ ନାମରେ ଖ୍ୟାତ ହେବେ ବୋଲି ଯିଶାଇୟ ଭାବବାଦୀ ଭାବବାଣୀ ପ୍ରକଟ କରିଥିଲେ । (ଯିଶାଇୟ ୬୨:୨) ରୋମୀୟ ୧୬:୧୬ ଓ ୧ମ କରିନ୍ଥୀ ୧୨:୧୩ ପଦନୁଯାୟୀ ନୂତନ ନିୟମର ମଣ୍ଡଳୀ ''ଖ୍ରୀଷ୍ଟଙ୍କ ମଣ୍ଡଳୀ'' ବୋଲି ଖ୍ୟାତ ହେବା ଆବଶ୍ୟକ ବୋଲି ଜାଣିପାରୁ । ମଣ୍ଡଳୀର ସଭ୍ୟମାନେ ଖ୍ରୀଷ୍ଟିୟାନ ରୂପେ ନାମିତ ହୋଇଅଛନ୍ତି । ଏହା ହିଁ ସେହି ନୂତନ ନାମ । (ପ୍ରେରିତ ୧୧:୨୬)

୨) ଆମ୍ଭେମାନେ ଖ୍ରୀଷ୍ଟଙ୍କ ପରିବାରଭୁକ୍ତ । ଖ୍ରୀଷ୍ଟଙ୍କ ପରିବାର ତାହାଙ୍କ ନାମ ଧାରଣ କରେ । ''ଏଥି ନିମନ୍ତେ ଯେଉଁ ପିତାଙ୍କ ଠାରୁ ସ୍ୱର୍ଗ ଓ ପୃଥିବୀସ୍ଥ ପିତୃକୁଳ ନାମ ପ୍ରାପ୍ତ ହୁଏ । ତାହାଙ୍କ ଛାମୁରେ ମୁଁ ଜାନୁପାତି ପ୍ରାର୍ଥନା କରୁଅଛି ...'' (ଏଫିସୀ ୩:୧୪,୧୫)

୩) ମଣ୍ଡଳୀ, ଖ୍ରୀଷ୍ଟଙ୍କ କନ୍ୟା ଅଟେ । କନ୍ୟା ଆପଣା ସ୍ୱାମୀଙ୍କ ନାମ ଧାରଣ କରେ (ପ୍ରକାଶିତ ବାକ୍ୟ ୨୧:୯, ୨୨:୧୭) ତାହାଙ୍କ ନାମ ଧାରଣକାରୀ, ତାହାଙ୍କ ଏକମାତ୍ର କନ୍ୟାଙ୍କୁ ଆପଣା ସହ ଘେନି ଯିବା ନିମନ୍ତେ ପୁନଃର୍ବାର ଏହି ଜଗତକୁ ଆସିବେ । (ଏଫିସୀ ୫:୨୭)

୪) ତାହାଙ୍କ ନାମ ସର୍ବୋନ୍ନତ ନାମ ଅଟେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି ; ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ ; ପୁଣି, ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।'' (ଫିଲିପ୍ପୀ ୨:୯-୧୧)

୫) ତାହାଙ୍କ ନାମରେ ହିଁ ପରିତ୍ରାଣ ଅଛି । ''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।'' (ପ୍ରେରିତ ୪:୧୨)

୬) ତାହାଙ୍କ ଠାରେ ବିଶ୍ୱାସ କରୁ । ''ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭେମାନେ ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟକୁ ଏହି ସମସ୍ତ ଲେଖିଲି ।'' (୧ମ ଯୋହନ ୫:୧୩)

୭) ଏହି ପବିତ୍ର ନାମ ସ୍ୱୀକାର କରୁ । ''.....ଆଉ ଯେକେହି ପ୍ରଭୁଙ୍କର ନାମ ଧାରଣ କରେ, ସେ ଅଧର୍ମରୁ ଦୂରରେ ରହୁ ।'' (୨ ତୀମଥି ୨:୧୯)

୮) ଆପଣା ଆପଣା ପାପରୁ ମନ ପରିବର୍ତ୍ତନ କରି ତାହାଙ୍କ ମହତ ନାମରେ ବାପ୍ତିଜିତ ହେଉ, ''ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରିତ ୨:୩୮)

୯) ତାହାଙ୍କ ପବିତ୍ର ନାମରେ ମଣ୍ଡଳୀ ଉପାସନାରେ ଯୋଗ ଦେଉ । ''କାରଣ ଯେଉଁ ସ୍ଥାନରେ ଦୁଇ କି ତିନିଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି ।'' (ମାଥିଉ ୧୮:୨୦) । ତାହାଙ୍କ ନାମରେ କିପରି ସମାବେଶ ହୋଇପାରିବା ।

୧୦) ତାହାଙ୍କ ନାମରେ ସମସ୍ତ କର୍ତ୍ତବ୍ୟ ସାଧନ କରୁ । ''ଆଉ କି ବାକ୍ୟରେ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ

କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲସୀ ୩:୧୭)

୧୧) ଏହି ନାମ ସକାଶୁ ଧାର୍ମିକମାନେ ନିନ୍ଦିତ ହୁଅନ୍ତି । ''ଆଉ, ମୋହରନାମ ସକାଶୁ ତୁମ୍ଭେମାନେ ସମସ୍ତଙ୍କ ଦ୍ୱାରା ଘୃଣିତ ହେବ, ମାତ୍ର ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବ, ସେ ପରିତ୍ରାଣ ପାଇବ ।'' (ମାଥିଉ ୧୦:୨୨)

୧୨) ଏହି ପବିତ୍ର ନାମରେ ପ୍ରାର୍ଥନା କରୁ । ''ପୁଣି, ପିତା ଯେପରି ପୁତ୍ରଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ ନାମରେ ଯାହା କିଛି ମାଗିବ, ମୁଁ ତାହା କରିବି ।'' (ଯୋହନ ୧୪:୧୩)

୧୩) ଏହି ପବିତ୍ର ନାମରେ ଆମ୍ଭେମାନେ ପାପକ୍ଷମା ପ୍ରାପ୍ତ ହୋଇଥାଉଁ । ''ବତ୍ସଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ତାହାଙ୍କ ନାମ ସକାଶେ ତୁମ୍ଭମାନଙ୍କର ପାପକ୍ଷମା ହୋଇଅଛି ।'' (୧ମ ଯୋହନ ୨:୧୨)

୧୪) ତାହାଙ୍କ ମହତ ନାମର ଆମେ ଅପମାନ ନ କରୁ । ''ଯେଉଁ ମହତ୍ ନାମରେ ତୁମ୍ଭେମାନେ ଖ୍ୟାତ, ସେମାନେ କଅଣ ସେହି ନାମର ନିନ୍ଦା କରନ୍ତି ନାହିଁ ?'' (ଯାକୁବ ୭:୭)

୧୫) ତାହାଙ୍କ ମହତ୍ ନାମ ସକାଶୁ କଷ୍ଟ ସହ୍ୟ କରୁ । ''ପୁଣି ଧୈର୍ଯ୍ୟ ଧରି ତାହାଙ୍କ ନାମ ସକାଶେ କଷ୍ଟ ସହିଅଛ ଓ କ୍ଲାନ୍ତ ହୋଇନାହଁ, ଏହା ମଧ୍ୟ ଆମ୍ଭେମାନେ ଜାଣୁ । (ପ୍ର.ବା. ୨:୩)

୧୬) ତାହାଙ୍କ ନାମ ଦ୍ୱାରା ଆମ୍ଭେମାନେ ଅନନ୍ତଜୀବନ ପ୍ରାପ୍ତ ହେଉ । ''.....ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ । ଏଥି ନିମନ୍ତେ ଏ ସମସ୍ତ ଲିଖିତ ହୋଇଅଛି ।'' (ଯୋହନ ୨୦:୩୦-୩୧)

ଉପରୋକ୍ତ ବାକ୍ୟରୁ ଖ୍ରୀଷ୍ଟଙ୍କ ନାମର ମହାନତା ବୁଝିପାରୁ । ତାହାଙ୍କ ନାମ ମହାନ, ପବିତ୍ର ଓ ଶକ୍ତିଯୁକ୍ତ ହେବାରୁ ତାହାଙ୍କ ନାମ ଧାରଣ କରୁ । ତାହାଙ୍କ ସ୍ଥାପିତ ମଣ୍ଡଳୀର ସଭ୍ୟ ହୋଇ ତାହାଙ୍କ ନାମ ମହିମାନ୍ୱିତ କରୁ । ଆପଣ କି ତାହାଙ୍କ ନାମ ଧାରଣ କରି, ତାହାଙ୍କୁ ମହିମାନ୍ୱିତ କରୁଅଛନ୍ତି ।

- J.C. Choate

* * *

# ବାକ୍ୟଧ୍ୟାନ
## (Study the word of God)

ଗୀତରଚକ କହନ୍ତି, "ତୁମ୍ଭ ବାକ୍ୟ ମୋ ଚରଣ ପାଇ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ।" (ଗୀତ ୧୧୯:୧୦୫) ପରମେଶ୍ୱରଙ୍କ ବାକ୍ୟ ମନୁଷ୍ୟମାନଙ୍କ ଆତ୍ମା ନିମନ୍ତେ ଖାଦ୍ୟ । ପ୍ରଭୁଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ହେଲେ ହେଁ, ଏହି ଜଗତରେ ଜୀବନଯାପନ କରିବା ସମୟରେ ଈଶ୍ୱରଙ୍କ ବାକ୍ୟ ହୃଦୟରେ ସଞ୍ଚିତ ରଖିଥିଲେ । ସେ ଆପଣା ପରିଚର୍ଯ୍ୟା ଆରମ୍ଭ କରିବା ପୂର୍ବେ ପ୍ରଥମେ ବାପ୍ତିଜିତ ହୋଇ ଚାଳିଶି ଦିବା ରାତ୍ରି ଉପବାସ ରହି ପ୍ରାନ୍ତରରେ ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ ସେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଶୟତାନର ପ୍ରତ୍ୟେକ ପରୀକ୍ଷାରୁ ବିଜୟୀ ହୋଇଥିଲେ । ସେ କହିଲେ, "ଲେଖାଅଛି......" (ମାଥିଉ ୪:୪-୧୦) । ଗୀତରଚକ କହନ୍ତି, "ମୁଁ ଯେପରି ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।" (ଗୀତ ୧୧୯:୧୧) । ସେ ଜନସମୂହଙ୍କୁ ଈଶ୍ୱରଙ୍କ ବାକ୍ୟ ଉପଦେଶ ଦେବା ସମୟରେ ପୁରାତନ ନିୟମର ବାକ୍ୟଗୁଡ଼ିକ ଉଲ୍ଲେଖ କରୁଥିଲେ । (ମାଥିଉ ୧୩:୧୩-୧୫, ଯିଶାଇୟ ୯:୧୦, (୬) ମାଥିଉ ୨୧:୯୨, ଗୀତ ୧୧୮:୨୨,୨୨, ମାଥିଉ ୨୧:୧୨-୧୩-ମଲାଖି ୩:୧, ଦ୍ୱିଃବି ୧୪:୨୩)

ଯୀଶୁଖ୍ରୀଷ୍ଟଙ୍କୁ ବ୍ୟବସ୍ଥାର ଲିଖିତ ବାକ୍ୟ କିପରି ଜାଣିପାରିଥିଲେ ? ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ କି ଐଶ୍ୱରିକ ଶକ୍ତି ଦ୍ୱାରା ଈଶ୍ୱରଙ୍କ ବାକ୍ୟ ଉଲ୍ଲେଖ କରୁଥିଲେ ? କଦାପି ନୁହେଁ ! ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ମନୁଷ୍ୟ ଶରୀର ଧାରଣ କରି, ଏହି ଜଗତରେ ସାମାନ୍ୟ ମନୁଷ୍ୟ ରୂପେ ଏହି ଜଗତରେ ଜୀବନଯାପନ କରିଥିଲେ । ସେ ଏକ ନିଷ୍ଠାପର ଯିହୂଦୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବାପ୍ତିଜକ ଯୋହନ ତାହାଙ୍କୁ ବାପ୍ତିସ୍ମ ଦେବାକୁ ନିବାରଣ କରିବାରୁ, ସେ ତାହାଙ୍କୁ କହିଥିଲେ, ".....ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ ।" (ମାଥିଉ ୩:୧୫) ସେ ଏହି ଜଗତରେ ବ୍ୟବସ୍ଥା ଲୋପ କରିବାକୁ ନ ଆସି ତାହା ପାଳନ କରି ସଫଳ କରିବାକୁ ଆସିଥିଲେ ଯିହୂଦୀୟ ଧର୍ମାବଲମ୍ବୀ ଯୀଶୁଖ୍ରୀଷ୍ଟ ଯିହୂଦୀୟ ଧର୍ମାଚାର ପାଳନ କରୁଥିଲେ । ସେ ନିୟମିତ ଭାବେ ସମାଜଗୃହକୁ ଯାଇ ପରମେଶ୍ୱରଙ୍କ ଉପାସନା କରୁଥିଲେ । ସମାଜଗୃହରେ ପଠିତ ବ୍ୟବସ୍ଥାର ବାକ୍ୟ

ଆପଣା ହୃଦୟରେ ସଞ୍ଚିତ ରଖିଥିଲେ । ସେ ଅନେକ ଥର ପ୍ରଧାନଯାଜକ, ଶାସ୍ତ୍ରୀ ଓ ଯିହୂଦୀମାନଙ୍କୁ କହିଥିଲେ । ଏପରି ଲେଖାଯାଇଅଛି, ''......ଏହି କଥା କି ତୁମ୍ଭେମାନେ କେବେ ହେଁ ପାଠ କରିନାହଁ ?'' (ମାଥିଉ ୧୨:୫;୨୧:୧୬, ୨୧:୪୨, ୨୨:୩୨; ମାର୍କ ୧୨:୨୬)

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟ ନିୟମିତ ଭାବେ ପଠନ କରିବା ଇଚ୍ଛା କରନ୍ତି । ଯୀଶୁଖ୍ରୀଷ୍ଟ ଆପଣା ପ୍ରିୟ ଶିଷ୍ୟ ଯୋହନଙ୍କୁ ପାଟ୍ମ ନାମକ ଦ୍ୱୀପରେ ଥିବା ବେଳେ ଦର୍ଶନ ଦେଇ କହିଥିଲେ, ''ଯେ ପାଠ କରେ...ସେମାନେ ଧନ୍ୟ ।'' (ପ୍ରକାଶିତ ୧:୩) । ଆପଣା ପ୍ରିୟ ସନ୍ତାନସନ୍ତତିମାନଙ୍କ ଭୌତିକ ଓ ଆତ୍ମିକ ଆବଶ୍ୟକତା ସ୍ୱର୍ଗୀୟ ପିତା ପୂରଣ କରନ୍ତି । ''ଆମ୍ଭମାନଙ୍କ ଜୀବନର ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ପ୍ରାପ୍ତ ହୋଇଥାଉଁ । (୨ୟ ପିତର ୧:୩) ତାହାଙ୍କ ବିଷୟକ ଜ୍ଞାନ ଆମ୍ଭେମାନେ ତାହାଙ୍କ ଦ୍ୱାରା ଦତ୍ତ ଧର୍ମଶାସ୍ତ୍ର ଦ୍ୱାରା ପାଇପାରିବା । ପରମେଶ୍ୱରଙ୍କ ''ନିତ୍ୟ ସଂକଳ୍ପ'' (ଏଫିସୀ ୩:୧୧)ରେ ଆମ୍ଭମାନଙ୍କ ଆତ୍ମାର ମଙ୍ଗଳ ନିମନ୍ତେ ଧର୍ମଶାସ୍ତ୍ର ଲିଖିତ କରାଯାଇଅଛି ।

ଈଶ୍ୱରଙ୍କ ବାକ୍ୟ ଅକ୍ଷୟ, ଜୀବନ୍ତ ଓ ଚିରନ୍ତନ । ''ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୂନର୍ଜାତ ହୋଇଅଛ ।'' (୧ମ ପିତର ୧:୨୨) । ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ଆତ୍ମିକ ଦର୍ପଣ । (ଯାକୁବ ୧:୨୧-୨୫) ପରମେଶ୍ୱରଙ୍କ ବାକ୍ୟ ଦ୍ୱିଧାର ଖଡ଼ଗ ଓ ଅଗ୍ନି ସ୍ୱରୂପ ଅଟେ । ତାହା ପାଷାଣ ଓ ଖଣ୍ଡବିଖଣ୍ଡକାରୀ ହାତୁଡ଼ିତୂଲ୍ୟ ଅଟେ । (ଯିରିମିୟ ୨୩:୨୯, ଏବ୍ରୀ ୪:୧୨ ଓ ଏଫିସୀ ୬:୧୭) । ଦାଉଦ ଲେଖନ୍ତି, ''ସଦାପ୍ରଭୁଙ୍କ ବ୍ୟବସ୍ଥା ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ; ସଦାପ୍ରଭୁଙ୍କ ପ୍ରମାଣ ବାକ୍ୟ ଅଟଳ, ଅଳ୍ପ ବୁଦ୍ଧିର ଜ୍ଞାନଦାୟକ । ସଦାପ୍ରଭୁଙ୍କ ଭୟଶୁଚି, ସଦାକାଳସ୍ଥାୟୀ । ସଦାପ୍ରଭୁଙ୍କ ଶାସନ ସକଳ ସତ୍ୟ ଓ ସର୍ବସମ୍ମତ ନ୍ୟାର୍ଯ୍ୟ । ତାହାସବୁ ସୁବର୍ଣ୍ଣ ଓ ପ୍ରଚୁର ଶୁଦ୍ଧସୁବର୍ଣ୍ଣ ଅପେକ୍ଷା ବାଞ୍ଛନୀୟ । ଆଉ ମଧୁ ଓ ମଧୁଚାକ ଠାରୁ ସୁମିଷ୍ଟ । ଆହୁରି, ତଦ୍ୱାରା ତୁମ୍ଭ ଦାସ ଚେତନା ପାଏ; ତହିଁର ପ୍ରତିପାଳନରେ ମହାଫଳ ଥାଏ ।'' (ଗୀତ ୧୯:୭-୧୧) । ତାହାଙ୍କ ଇଚ୍ଛା ପାଳନ କରିବା ନିମନ୍ତେ ତାହାଙ୍କ ବାକ୍ୟଧ୍ୟାନ କରୁ ।

ପରମେଶ୍ୱରଙ୍କ ପ୍ରିୟ ସନ୍ତାନସନ୍ତତିମାନେ ତାହାଙ୍କ ବାକ୍ୟ ଧ୍ୟାନ କରିବା ସେ ଇଚ୍ଛା କରନ୍ତି । ତାହାଙ୍କ ଅନାଦି ସଂକଳ୍ପରେ ସେ ଯୋଜନା କରି ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟଲିଖିତ ରୂପେ ଦେଇଅଛନ୍ତି । ଇଶ୍ରାଏଲ ଜାତିକୁ ମିସର ଦାସତ୍ୱରୁ ମୁକ୍ତ କରିବା ପରେ, ସେମାନଙ୍କ ନିମନ୍ତେ ଲିଖିତ ଭାବେ ପରମେଶ୍ୱର ବ୍ୟବସ୍ଥା ଦେଇଥିଲେ । (ଯାତ୍ରା ୨୪:୭, ୩୪:୧) ୪୦ ବର୍ଷ ପରେ, ଯିହୋଶୂୟଙ୍କ ନେତୃତ୍ୱରେ ଇଶ୍ରାଏଲୀୟମାନେ ଯର୍ଦ୍ଦନ ନଦୀ ପାର ହୋଇ କିଣାନ ଦେଶରେ ପଦାର୍ପଣ କରିଥିଲେ । ସେଠାରେ ଯିହୋଶୂୟ ଏବଲ ପର୍ବତ ଉପରେ ବ୍ୟବସ୍ଥାର ଏକ ଅଂଶ ଉତାରି ଲେଖିଲେ । (ଯିହୋଶୂୟ ୮:୩୦-୩୫) । ଇଶ୍ରାଏଲୀୟମାନଙ୍କ ପ୍ରଦତ୍ତ ଆଜ୍ଞା ସକଳ ମଧ୍ୟରେ ସଦାପ୍ରଭୁ, ଇଶ୍ରାଏଲର ରାଜାମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଆଜ୍ଞା ଦେଇଥିଲେ । ''ପୁଣି ସେ ଆପଣା ରାଜ୍ୟର ସିଂହାସନ ଉପବିଷ୍ଟ ହେଲେ, ଆପଣା ପାଇଁ ଏକ ପୁସ୍ତକରେ ଲେବୀୟ ଯାଜକମାନଙ୍କ ସମ୍ମୁଖସ୍ଥିତ ଏହି ବ୍ୟବସ୍ଥାରୁ ଉତାରି ଲେଖି ରଖିବେ । ଆଉ ତାହା ପାଠ କରିବ; ତହିଁରେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ଭୟ କରିବାକୁ ଓ ବ୍ୟବସ୍ଥାର ସମସ୍ତ ବାକ୍ୟ ଓ ବିଧି ପାଳନ କରିବାକୁ ଶିଖିବ ।....'' (ଦ୍ୱି.ବି. ୧୭:୧୮-୧୯)

ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ପରମେଶ୍ୱର, ଇଶ୍ରାଏଲର ଯୋଦ୍ଧା ଯିହୋଶୂୟଙ୍କୁ ଆଜ୍ଞା ଦେଇ କହିଥିଲେ, ''ମାତ୍ର ଆମ୍ଭର ସେବକ ମୋଶା ତୁମ୍ଭଙ୍କ ଯେ ସମସ୍ତ ବ୍ୟବସ୍ଥା ଆଦେଶ କରିଅଛି ।'' ''.......ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର, ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ ।'' (ହିହୋଶୂୟ ୧:୭-୮) ଗୀତରଚକ କହନ୍ତି, ''ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥା ଧ୍ୟାନ କରେ ସେ ଧନ୍ୟ ।'' (ଗୀତ ୧:୨) । ବାଇବଲର ଦୀର୍ଘ ଅଧ୍ୟାୟ ୧୧୯ ଗୀତର, ୧୭୬ ପଦରେ ବାକ୍ୟର ପ୍ରାଧାନ୍ୟତା, ପାଳନ ତାହା ପାଳନ କରିବାରେ ଆଶୀର୍ବାଦ ବର୍ଣ୍ଣନା କରାଯାଏ । ରାଜା ଯିହୋଶାଫଟ୍ ଯିହୂଦାର ରାଜତ୍ୱ ଗ୍ରହଣ କରି, ଯିହୂଦାର ନଗରର ସବୁରେ ଲେବୀୟ ଓ ଯାଜକମାନଙ୍କୁ ପଠାଇ ସାମାନ୍ୟ ପ୍ରଜାମାନଙ୍କୁ ବ୍ୟବସ୍ଥା ଶିକ୍ଷା ଦେଇଥିଲେ । (୨ୟ ବଂଶାବଳୀ ୧୭:୯) ରାଜା ଯୋଶିୟ ଯିହୂଦା ଦେଶରେ ରାଜତ୍ୱରେ ପରିବର୍ତ୍ତନ ଆଣିଲେ । ପରମେଶ୍ୱରଙ୍କ ମନ୍ଦିରର ଜୀର୍ଣ୍ଣ ସଂସ୍କାର ସମୟରେ ପ୍ରାପ୍ତ ବ୍ୟବସ୍ଥା ପୁସ୍ତକ ଜନସମୂହଙ୍କ କର୍ଣ୍ଣଗୋଚରରେ ପାଠନ କରାଇଥିଲେ । (୨ୟ ବଂଶାବଳୀ ୩୪:୩୦, ଏଜ୍ରା ୭:୧୦, ନିହି ୮:୧-୮)

ପ୍ରେରିତ ପାଉଲ ଖ୍ରୀଷ୍ଟିୟାନମାନଙ୍କୁ ଆପଣା ହୃଦୟରେ ପ୍ରଚୁର ଭାବେ ବାକ୍ୟ ସଞ୍ଚୟ କରିବା ନିମନ୍ତେ ଆଜ୍ଞା ଦିଅନ୍ତି । ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ ।'' (କଲସୀ ୩:୧୬) । ଯୁବକ ତୀମଥିଙ୍କୁ କହନ୍ତି, ''ମୁଁ ନ ଯିବା ପର୍ଯ୍ୟନ୍ତ ଶାସ୍ତ୍ରପାଠ, ଉପଦେଶ ଓ ଶିକ୍ଷାଦାନରେ ମନଯୋଗ କର ।'' (୧ମ ତୀମଥି ୪:୧୩) । କାରଣ ଧର୍ମଶାସ୍ତ୍ର ''....ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭକୁ ପରିତ୍ରାଣ ଜନକ ଜ୍ଞାନ ଦେବାକୁ ସମର୍ଥ, ତାହା ତୁମ୍ଭେ ବାଲ୍ୟକାଳରୁ ଜ୍ଞାତ ଅଛ । ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।'' (୨ ତୀମଥି ୩:୧୫-୧୭)

ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭମାନଙ୍କ ଆତ୍ମାର ମଙ୍ଗଳ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଲିଖିତ ଭାବେ ଦେଇଅଛନ୍ତି । ତାହା ଆମ୍ଭେମାନେ ''ବାଇବଲ'' ରୂପେ ଜାଣୁ । ଏହି ବାକ୍ୟର ଅଧ୍ୟୟନ ଦ୍ୱାରା, ପରମେଶ୍ୱରଙ୍କ ଇଚ୍ଛା, ତାହାଙ୍କ ଆଜ୍ଞା ଜ୍ଞାତ ହୋଇ ପାରିଥାଉ । ବାକ୍ୟ କହିଲେ, ପଥ ପ୍ରଦର୍ଶକ, ଆନନ୍ଦ ଓ ଭରସା ଦାୟକ । ଯୀଶୁ କହିଲେ, ''ଯେ ମୋତେ ଅଗ୍ରାହ୍ୟ କର ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ., ତାହାର ବିଚାରକର୍ତ୍ତା ଅଛି, ମୁଁ ଯେଉଁ ବାକ୍ୟ କରିଅଛି, ତାହା ଶେଷଦିନରେ ତାହାର ବିଚାର କରିବ ।'' (ଯୋହନ ୨:୪୮)

ଆସ ଆମ୍ଭେମାନେ ନିୟମିତ ଭାବେ ବାକ୍ୟ ଧ୍ୟାନ କରି, ତାହାଙ୍କ ଇଚ୍ଛା ଜ୍ଞାତ ହୋଇ, ତାହାଙ୍କ ତୁଷ୍ଟ ଜନକ ଜୀବନଯାପନ କରିବା ।

**- Kabita Gootam**

❋ ❋ ❋

# ବିଶ୍ୱାସରୁ ପ୍ରସ୍ଥାନର ପଥ
## (Ways to Deport Faith)

କେବଳ ଏକ 'ପଥ' । ଧର୍ମଶାସ୍ତ୍ରରେ ଏହି ପଦକୁ ''ମାର୍ଗ'' (ପ୍ରେରିତ ୯:୨) ମଧ୍ୟ କୁହାଯାଏ । ବିଶ୍ୱାସରେ ବିଶ୍ୱସ୍ତ ରହିବାର ମାର୍ଗ କେବଳ ଏକମାତ୍ର, ଯାହାକି ଆମ୍ଭେମାନେ ବାଇବଲରେ ପଢ଼ିପାରିଥାଉଁ । କିନ୍ତୁ ବିଶ୍ୱାସରୁ ପ୍ରସ୍ଥାନ ହେବାର ମାର୍ଗ ବହୁଳ । ବିନାଶ ଘେନି ଯାଉଥିବା ଏହି ମାର୍ଗଗୁଡ଼ିକୁ ଓସାର, ''ପ୍ରଶସ୍ତ'' ମାର୍ଗ ବୋଲି ମାଥିଉ ୭:୧୩ କୁହାଯାଏ । ବହୁଳ ପ୍ରସ୍ଥାନର ମାର୍ଗଗୁଡ଼ିକରୁ ରକ୍ଷା ପାଇବା ନିମନ୍ତେ ଆମ୍ଭମାନଙ୍କୁ ମାର୍ଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଜାଣିବା ଆବଶ୍ୟକ । ମାର୍ଗଗୁଡ଼ିକ ମଣ୍ଡଳୀ ଓ ଖ୍ରୀଷ୍ଟିୟାନମାନଙ୍କ ପତନର କାରଣ ।

ଏକ ନେତାର ଅନୁସରଣ କରିବାରୁ ବିମୁଖ ହେବାର ଛଅଟି କାରଣ : (୧) ଦକ୍ଷିଣକୁ (୨) ବାମକୁ (୩) ଆଗକୁ (୪) ପଛକୁ (୫) ଉପରକୁ (୬) ତଳକୁ ଚାଲିବା । ବିଶ୍ୱାସରୁ ବିଚଳିତ ହେବାର କାରଣଗୁଡ଼ିକ (୧) ଯୋଗ କରିବା (୨) ବିୟୋଗ କରିବା (୩) ବାକ୍ୟକୁ ବିକୃତ କରିବା (ଦ୍ୱି.ବି. ୪:୨, ପ୍ର:ବା ୨୨:୧୮, ୧୯, ଗାଲାତୀ ୧:୭, ୨ୟ ପିତର ୩:୧୬)

ପରମେଶ୍ୱରଙ୍କ ବାକ୍ୟ ଠାରୁ 'ଦକ୍ଷିଣ' ଦିଗରେ ଫେରିଲେ । ବିଶ୍ୱାସରୁ ପ୍ରସ୍ଥାନ ସୁନିଶ୍ଚିତ । ''ସୈନ୍ୟାଧିପତି ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, ''....ମାତ୍ର ଆମ୍ଭର ସେବକ, ମୋଶା ତୁମ୍ଭକୁ ଯେ ସମସ୍ତ ବ୍ୟବସ୍ଥା ଆଦେଶ କରିଅଛି, ସେସବୁ ତୁମ୍ଭେ ମାନିବାକୁ ଓ କରିବାକୁ ବଳବାନ ଓ ଅତି ସାହସିକ ହୁଅ, ତହିଁରେ ତୁମ୍ଭେ ଯେକୌଣସି ସ୍ଥାନକୁ ଯିବ, ସେଠାରେ କୁଶଳ ପ୍ରାପ୍ତ ହେବ ।'' (ଯିହୋଶୂୟ ୧:୭) ''ଦକ୍ଷିଣ ଦିଗ'' ପ୍ରସ୍ଥାନର ଅର୍ଥ, ଯେଉଁ ନିୟମ ସଦାପ୍ରଭୁ ସ୍ଥାପନ କରିଅଛନ୍ତି ତାହା ପାଳନ ନ କରି, ଆପଣା ସ୍ୱ ନିୟମ ସ୍ଥାପନ କରିବା ଉଦାହରଣ ସ୍ୱରୂପ :- ମଣ୍ଡଳୀ ସ୍ଥାପନର ପ୍ରାରମ୍ଭ ବେଳରେ ବିଜାତୀୟମାନେ ଖ୍ରୀଷ୍ଟିୟାନ ହେବା ପୂର୍ବେୟ ସୁନ୍ନତ ହେବା ଆବଶ୍ୟକ ବୋଲି ଫାରୁଶୀମାନେ ଦାବୀ କରିଥିଲେ । (ପ୍ରେରିତ ୧୫:୫) ଆଜିର ଯୁଗରେ ମଧ୍ୟ ଏହି ନୀତି ଯୋଗୁଁ ମଣ୍ଡଳୀ ବିଭାଜିତ ହେଉଅଛି ।

ପରମେଶ୍ୱରଙ୍କ ବାକ୍ୟର ବାମକୁ ଫେରିବା ମଧ୍ୟ, ପରମେଶ୍ୱରଙ୍କ ଦୃଷ୍ଟିରେ ପାପ ଅଟେ (ଯିହୋଶୂୟ ୧:୭୬) । ''ବାମ ଦିଗ ପ୍ରସ୍ଥାନ''ର ଅର୍ଥ, ପରମେଶ୍ୱରଙ୍କ

ବାକ୍ୟକୁ ନିରଲକ୍ଷ କରି, ଆପଣା ସ୍ୱଇଚ୍ଛାରେ ଜୀବନ କାର୍ଯ୍ୟ କରିବା । । ହନନୀୟ ଓ ଶଫୀରା ନିରଲକ୍ଷରେ ଆପଣା ଅର୍ପଣ ପ୍ରେରିତ ପିତରଙ୍କ ପାଦ ତଳେ ଥୋଇଥିଲେ । ନିର୍ଭୟରେ ପବିତ୍ର ଆତ୍ମାଙ୍କୁ ମିଥ୍ୟା କହି ଆପଣା ଜୀବନ ହରାଇଥିଲେ । ଆଜିର ସମାଜ ମଧ୍ୟ ପବିତ୍ର ଆତ୍ମାଙ୍କୁ ମିଥ୍ୟା କହିବାରେ ନିର୍ଣ୍ଣୟୀ ଅଟନ୍ତି । ନିରଲକ୍ଷ ଭାବେ ଜୀବନଯାପନ କରିବା ପରମେଶ୍ୱରଙ୍କ ଦୃଷ୍ଟିରେ ମନ୍ଦ ଅଟେ । ଏହି ମନ୍ଦତାରୁ 'ବିଶ୍ୱାସରୁ ପ୍ରସ୍ଥାନ' ସମ୍ଭବ ହୁଏ ।

ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ମଧ୍ୟରେ ନ ରହି ଅତିକ୍ରମ କରିବା ଦ୍ୱାରା 'ବିଶ୍ୱାସ ପ୍ରସ୍ଥାନ' ସମ୍ଭବିତ ହୁଏ । ''ଯେକେହି ଖ୍ରୀଷ୍ଟଙ୍କ ସୀମା ମଧ୍ୟରେ ନ ରହି ତାହା ଅତିକ୍ରମ କରେ, ସେ ଇଶ୍ୱରଙ୍କୁ ପାଇନାହିଁ, ଯେ ଶିକ୍ଷାର ସୀମା ମଧ୍ୟରେ ରହେ, ସେ ପିତା ଓ ପୁତ୍ର ଉଭୟଙ୍କୁ ପାଇଅଛି ।'' ( ୨ ଯୋହନ ୯ ) । ଏହି ବର୍ଗର ଲୋକେ ସର୍ବଦା ଏକ ନୂଆ ନିୟମର ଅନ୍ୱେଷଣରେ ରହନ୍ତି । ବାଇବଲରେ ଲିଖିତ ପରମେଶ୍ୱରଙ୍କ ଆଜ୍ଞା ସେମାନଙ୍କ ନିମନ୍ତେ ପୁରୁଣା । ଏକ ଆଧୁନିକ ପ୍ରଥାର ଖୋଜରେ ରହି, ଖ୍ରୀଷ୍ଟଙ୍କ ଶିକ୍ଷାର ସୀମାରେ ରହନ୍ତି ନାହିଁ । ଏପରି ବର୍ଗର ଲୋକେ ବିଶ୍ୱାସରୁ ପ୍ରସ୍ଥାନ ହେବା ସ୍ୱାଭାବିକ ।

ଅନ୍ୟ ଏକ ବର୍ଗର ଲୋକେ ଆତ୍ମିକତାରେ ମୃତ ହୋଇ ଖ୍ରୀଷ୍ଟଙ୍କ ଠାରୁ ପଛେଇ ଯାଆନ୍ତି । ସାର୍ଦ୍ଦୀରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀ ଏହାର ନିଦର୍ଶନ । ଏହି ମଣ୍ଡଳୀକୁ ଯୀଶୁଖ୍ରୀଷ୍ଟ କହିଥିଲେ, ''......ତୁମ୍ଭର ନାମରେ ଜୀବିତ, ମାତ୍ର ପ୍ରକୃତରେ ମୃତ ।'' (ପ୍ର.ବା. ୩:୧ ) ପ୍ରତ୍ୟେକ ମଣ୍ଡଳୀ ଓ ପ୍ରତ୍ୟେକ ଖ୍ରୀଷ୍ଟିୟାନମାନେ ଆପଣା ଆପଣାକୁ ପରୀକ୍ଷା କରିବା ଆବଶ୍ୟକ । ''ତୁମ୍ଭେମାନେ ବିଶ୍ୱାସରେ ଅଛ କି ନାହିଁ, ସେ ବିଷୟରେ ଆପଣା ଆପଣାକୁ ପରୀକ୍ଷା କର....'' (୧ମ କରିନ୍ଥୀ ୧୩:୫୯)

'ଉପର ପ୍ରସ୍ଥାନ' ଅର୍ଥ ଯୀଶୁଖ୍ରୀଷ୍ଟଙ୍କ ଠାରୁ ଆପଣାକୁ ଉନ୍ନତ କରିବା । ଥରେ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ଆପଣା ଦୁଃଖଭୋଗ ବିଷୟରେ ବୁଝାଇ କହୁଥିବା ସମୟରେ ପିତର ତାହାଙ୍କୁ ପାଖକୁ ଘେନି ଯାଇ ଅନୁଯୋଗ କରି କହିବାକୁ ଲାଗିଲେ, ''.....ହେ ପ୍ରଭୁ, ଇଶ୍ୱର ତୁମ୍ଭକୁ ଦୟା କରନ୍ତୁ, ଏହା ଆପଣଙ୍କ ପ୍ରତି କେବେ ହେଁ ନ ଘଟୁ । କିନ୍ତୁ ସେ ବୁଲିପଡ଼ି ପିତରଙ୍କୁ କହିଲେ, ମୋ' ଆଗରୁ ଦୂର ହୁଅ, ଶୟତାନ, ତୁମ୍ଭେ ମୋର ବିଘ୍ନ ସ୍ୱରୂପ, କାରଣ ତୁମ୍ଭେ ଇଶ୍ୱରଙ୍କ ବିଷୟ ନ ଭାବି ମନୁଷ୍ୟର ବିଷୟ ଭାବୁଅଛ ।'' (ମାଥିଉ ୧୬:୨୨) । ଏଠାରେ ଯୀଶୁଖ୍ରୀଷ୍ଟ ପିତରଙ୍କୁ ''ଶୟତାନ''

ବୋଲି କହନ୍ତି । ଶୟତାନ ଯାହାର ହୃଦୟରେ ପ୍ରବେଶ କରେ, ସେ କେବେ ବି ସତ୍ୟଭାବେ ବ୍ୟବହାର କରି ନ ପାରେ । ଏହି ଘଟଣାରେ ପିତର, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ହିଁ ଉପଦେଶ ଦେଇଥିଲେ । ଏପରି ଭାବେ ଜୀବନଯାପନ କରିବା ପ୍ରତ୍ୟେକେ ବିଶ୍ୱାସରୁ ପ୍ରସ୍ଥାନ ।

ବିଶ୍ୱାସରୁ 'ନିମ୍ନସ୍ତର'ରେ ଜୀବନଯାପନ କରିବା, ବିଶ୍ୱାସରୁ ପ୍ରସ୍ଥାନ ହେବାର ଅନ୍ୟ ଏକ କାରଣ । ''ଇଷ୍କାରଥ୍ ଯିହୂଦା'' ଏହି ବର୍ଗର ଉଦାହରଣ । ସେ ଯୀଶୁଙ୍କୁ ଶତ୍ରୁହସ୍ତରେ ସମର୍ପଣ କରି ଆପଣାର ଦୁଷ୍କର୍ମର ପ୍ରତିଫଳେ ଆତ୍ମହତ୍ୟା କରିଥିଲେ । ''କାରଣ ଈଶ୍ୱରଙ୍କ ଇଚ୍ଛାନୁସାରେ ଯେଉଁ ଦୁଃଖ, ତାହା ପରିତ୍ରାଣ ନିମନ୍ତେ ଏପରି ମନ ପରିବର୍ତ୍ତନ ଜନ୍ମାଏ, ଯାହା ସକାଶେ ଅନୁତାପ କରିବାକୁ ପଡ଼େ ନାହିଁ, ମାତ୍ର ସାଂସାରିକ ଦୁଃଖ ମୃତ୍ୟୁ ଜନ୍ମାଏ ।'' (୨ କରିନ୍ଥୀ ୭:୧୦) । ଅନେକେ ପାପ କରି ମନ ପରିବର୍ତ୍ତନ ନ କରି ବିନଷ୍ଟ ହୁଅନ୍ତି । କିନ୍ତୁ ପ୍ରଭୁଙ୍କ ଠାରେ ଯେ ମନ ପରିବର୍ତ୍ତନ ଅଛି, ଏହା ସେମାନେ ସ୍ମରଣ କରନ୍ତି ନାହିଁ । କାରଣ ବାକ୍ୟ କହେ, ''ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ, କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି, ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି ।'' (୨ ପିତର ୩:୯)

ବିଶ୍ୱାସ ରକ୍ଷା କରିବାରେ ଆନନ୍ଦ ଓ ଶାନ୍ତି ଅଛି । ପ୍ରେରିତ ପାଉଲ କହନ୍ତି, ''ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି । ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇଅଛି, ତାହା ସେହି ମହାଦିନରେ ନ୍ୟାୟବାନ ବିଚାରକର୍ତ୍ତା, ପ୍ରଭୁ ମୋତେ ଦେବେ...'' (୨ ତୀମଥି ୪:୭,୮) । ଆପଣ କି ବିଶ୍ୱାସ ଜୀବନରୁ ବିଚଳିତ ହୋଇଅଛନ୍ତି ? ମନ ପରିବର୍ତ୍ତନ କରନ୍ତୁ !

- Burl Curtis

# ସେ, ତାହାଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ
## (He brought him to Jesus)

ପ୍ରତ୍ୟେକ ଖ୍ରୀଷ୍ଟିୟାନମାନେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବାରେ ଇଚ୍ଛା କରନ୍ତି କିନ୍ତୁ କିପରି ଆଣିବେ ଜାଣନ୍ତି ନାହିଁ । ଏହି ବିଷୟରେ ଆମ୍ଭମାନଙ୍କ ଶିକ୍ଷକ ଆଉ କେହି ନୁହେଁ :- ପ୍ରେରିତ ଆନ୍ଦ୍ରିୟ ଅଟନ୍ତି । ସେ ଏକ ଆତ୍ମାକୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିଥିଲେ, ଯାହା ଆମ୍ଭେମାନେ ପ୍ରେରିତ ଯୋହନଙ୍କ ଲେଖନୀରୁ ପଢ଼ିପାରୁ । "ସେ ପ୍ରଥମେ ଆପଣା ଭାଇ ଶିମୋନଙ୍କ ଦେଖା ପାଇ ତାହାଙ୍କୁ କହିଲେ, ଆମ୍ଭେମାନେ ମଶୀହଙ୍କର (ଅନୁବାଦ କଲେ ଏହି ନାମର ଅର୍ଥ ଖ୍ରୀଷ୍ଟ) ଦେଖା ପାଇଅଛୁ । ସେ ତାଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ । ଯୀଶୁ ତାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ, ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ । ତୁମ୍ଭେ କେଫା (ଅନୁବାଦ କଲେ ଏହାର ଅର୍ଥ ପିତର) ନାମରେ ଖ୍ୟାତ ହେବ ।" (ଯୋହନ ୧:୪୧,୪୨)

ଏହି ଘଟଣାରେ ଅନ୍ୟମାନଙ୍କୁ କିପରି ଭାବେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ କଢ଼ାଇ ଆଣିପାରିବା ଲିଖିତ ହୋଇଅଛି ।

୧) ପ୍ରଥମେ ସହଯୋଗ କର :- ଆନ୍ଦ୍ରିୟ ପ୍ରଥମେ ଆପଣା ଭ୍ରାତା ଶିମୋନଙ୍କ ସହଯୋଗ କରିଥିଲେ । ଆମ୍ଭେମାନେ ପ୍ରଥମେ ଆପଣା ପରିବାର, ବନ୍ଧୁବର୍ଗ, ପଡ଼ୋଶୀ, ସହକର୍ମଚାରୀମାନଙ୍କ ସହ ଆମ୍ଭମାନଙ୍କ ଉତ୍ତମ ସମ୍ବନ୍ଧ ରହିଥାଏ । ଉତ୍ତମ ସମ୍ବନ୍ଧ ଥିବା ବ୍ୟକ୍ତିମାନଙ୍କୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରି ଖ୍ରୀଷ୍ଟଙ୍କ ନିକଟକୁ ଆଣିବା !

୨) ଆପଣଙ୍କ ଅନୁଭୂତି ଅନ୍ୟମାନଙ୍କ ସହ ବାଣ୍ଟ :- ଆନ୍ଦ୍ରିୟ କଅଣ କହିଥିଲେ ? ସେ ଯାହା ଅନୁଭବ କରିଥିଲେ, ତାହା ଆପଣା ଭ୍ରାତା ସହ ବାଣ୍ଟିଥିଲେ । ତାହାଙ୍କ କାମ ଅତି ଜଟିଳମୟ ନ ଥିଲା । ସେ ପିତରଙ୍କୁ କହିଥିଲେ, ".....ଆମ୍ଭେମାନେ ମଶୀହଙ୍କର (ଅନୁବାଦ କଲେ ନାମର ଅର୍ଥ ଖ୍ରୀଷ୍ଟ) ଦେଖା ପାଇଅଛୁ ।" (ଯୋହନ ୧:୪୧,୪୨) ଯୀଶୁ ସେନା ନାମକ ଭୂତଗ୍ରସ୍ତ ମନୁଷ୍ୟକୁ ସୁସ୍ଥ କରି ତାହାଙ୍କୁ କହିଲେ, "...ତୁମ୍ଭ ଘରକୁ ବାହୁଡ଼ି ଯାଅ, ପୁଣି ଈଶ୍ବର ତୁମ୍ଭ ନିମନ୍ତେ ଯେ ଯେ କର୍ମ କରିଅଛନ୍ତି, ସେହିସବୁ ବର୍ଣ୍ଣନା କର ।" (ଲୂକ ୮:୩୯) । 'ଯୀଶୁଖ୍ରୀଷ୍ଟ' ଆପଣଙ୍କ ଜୀବନରେ କଅଣ କରିଅଛନ୍ତି ? ଖ୍ରୀଷ୍ଟଙ୍କ ଗ୍ରହଣ କରିବାରେ ଆପଣ କିପରି ଭାବେ ଆଶୀର୍ବାଦ ପ୍ରାପ୍ତ ହୋଇ ଅଛନ୍ତି ? ଏହି ସମସ୍ତ ବିଷୟ ଆମ୍ଭୋମନେ ଅନ୍ୟମାନଙ୍କୁ କହୁ । ଆମ୍ଭେମାନେ

ଆମ୍ଭମାନଙ୍କ ଅନୁଭୂତି ଅଖ୍ରୀଷ୍ଟିୟାନମାନଙ୍କୁ ତଥା ଖ୍ରୀଷ୍ଟିୟାନମାନଙ୍କ ନିକଟରେ ଆପଣା ଅନୁଭୂତି ବର୍ଣ୍ଣନା କରୁ !

୩) ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣୁ :- ଅଜାଣତ କ୍ଷେତ୍ରରେ ପ୍ରବେଶ କରିବାକୁ ଆପଣ କି ଦ୍ୱିଗ୍‌ଧା କରୁଅଛନ୍ତି ? ନିଶ୍ଚିତ ଭାବେ, ଆମ୍ଭେମାନେ ସମସ୍ତେ ଦ୍ୱିଗ୍‌ଧା ଅନୁଭବ କରୁ । ଏପରି ପରିସ୍ଥିତି କଷ୍ଟମୟ ଅଟେ ! ଚିହ୍ନା ପରିଚୟ ବ୍ୟକ୍ତିମାନଙ୍କୁ ଆମ୍ଭମାନଙ୍କ ଉପାସନାକୁ ଆହ୍ୱାନ କରିବା କଷ୍ଟକର ବିଷୟ ନୁହେଁ ! ଅନେକେ ଆପଣଙ୍କ ଦ୍ୱାରା ଆହ୍ୱାନିତ ହେବା ନିମନ୍ତେ ଅପେକ୍ଷା କରୁଅଛନ୍ତି !

ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଘେନି ଆଣିବାରେ ସକ୍ଷମ ଅଟୁ । ଆନ୍ଦ୍ରିୟଙ୍କ ଉଦାହରଣ ଆମ୍ଭମାନଙ୍କ ଆଦର୍ଶ !

**- Kerry Halton**

❋ ❋ ❋

# ଯୀଶୁଙ୍କ ଠାରେ ବିଜୟ !

## (Victory in Jesus)

ଖ୍ରୀଷ୍ଟିୟ ଜୀବନକୁ ନୂତନ ନିୟମରେ ଅନେକ ବିଷୟ ସହ ତୁଳନା କରାଯାଏ । ଯୀଶୁ, ଖ୍ରୀଷ୍ଟିୟ ଜୀବନକୁ ଏକ 'କ୍ରୁଶ ବହନ' ଜୀବନ ସହ ତୁଳନା କରନ୍ତି । (ମାଥିଉ ୧୬:୨୪) ଏବ୍ରୀ ପୁସ୍ତକରେ ଖ୍ରୀଷ୍ଟିୟାନ ଜୀବନ ଏକ ଦୌଡ଼ । ଯାହାକି ଧୈର୍ଯ୍ୟ ସହ ଦୌଡ଼ିବା ଆବଶ୍ୟକ ବୋଲି ୧୨ତମ ପର୍ବ ପ୍ରଥମ ପୁସ୍ତକରେ ପଢ଼ିଥାଉ । ଶିଶୁ ଯେପରି ଶିଶୁ ଅବସ୍ଥାରୁ ପୂର୍ଣ୍ଣବୟସ୍କ ପୁରୁଷ ରୂପେ ବୃଦ୍ଧି ପାଏ ଖ୍ରୀଷ୍ଟିୟାନ ଜୀବନକୁ ପ୍ରେରିତ ପିତର ବର୍ଣ୍ଣନା କରନ୍ତି । (୧ମ ପିତର ୨:୨)

ନୂତନ ନିୟମରେ ଖ୍ରୀଷ୍ଟିୟାନ ଜୀବନକୁ ଏକ ଯୁଦ୍ଧ ରୂପେ ବର୍ଣ୍ଣନା କରାଯାଏ । ଏହି ଯୁଦ୍ଧରେ ଆମ୍ଭେମାନେ ବିଜୟୀ ନ ହେଲେ ନରକରେ ନିକ୍ଷିପ୍ତ ହେବୁ । ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ କହନ୍ତି, "ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ ଦେଇଅଛ ।" (୧ମ ତୀମଥି ୬:୧୨) ଏଫିସୀ ମଣ୍ଡଳୀକୁ ଲେଖନ୍ତି, "କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶର ଦୁଷ୍ଟାତ୍ମାମାନଙ୍କ

ବିରୁଦ୍ଧରେ...'' (ଏଫିସୀ ୬:୧୨)। ଏହି ଯୁଦ୍ଧ ପ୍ରକାଶିତ ବାକ୍ୟରେ, ''ହର୍ମଗିଦ୍ଦୋନ୍'' ନାମରେ ବର୍ଣ୍ଣିତ କରାଯାଇଅଛି ।

ଏହି ଯୁଦ୍ଧର ଫଳାଫଳ ଘୋଷିତ ହୋଇସାରିଛି । ''....ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ ।'' (ରୋମୀୟ ୮:୩୭) । ଆମ୍ଭେମାନେ କିପରିଭାବେ ଯୀଶୁଙ୍କ ଦ୍ୱାରା ବିଜୟୀ ହୋଇପାରୁ ? :-

୧) ଜୀବନରେ ବିଜୟ :- ଖ୍ରୀଷ୍ଟିୟ ଜୀବନରେ ବିଜୟୀ ହେବାର ଅର୍ଥ ଧନ, ସମ୍ମାନ ସଞ୍ଚୟ କରିବା ନୁହେଁ । ବରଂ ''ଗୌରବ ଓ ଭରସା ସ୍ୱରୂପୀ'' ଖ୍ରୀଷ୍ଟଙ୍କୁ ଆପଣା ଜୀବନରେ ପ୍ରାପ୍ତ ହେବ । ପ୍ରଭୁଙ୍କ ଏକ ସୈନିକ ଭାବେ ଆମ୍ଭେମାନେ ଦୃଢ଼ଗଡ଼ ଭୂମିସାତ୍ କରିବା ନିମନ୍ତେ ଶକ୍ତିଯୁକ୍ତ ଅସ୍ତ୍ରରେ ସଜ୍ଜିତ ଅଟୁ । (୨ୟ କରିନ୍ଥୀ ୧୦:୪) । ପରୀକ୍ଷାଯୁକ୍ତ ଆମ୍ଭମାନଙ୍କ ଦୈନିକ ଜୀବନରେ ପରମେଶ୍ୱରଙ୍କ ବାକ୍ୟ ରୂପ ଖଡ଼୍‌ଗ ଦ୍ୱାରା ଆମ୍ଭେମାନେ ସର୍ବତଭାବେ ବିଜୟ ପ୍ରାପ୍ତ ହୋଇପାରୁ । (ଏଫିସୀ ୬:୧୭)

୨) ମୃତ୍ୟୁରେ ବିଜୟ :- ମଣ୍ଡଳୀର ଶକ୍ତିକୁ ନରକର ବଳ ପରାଜୟ କରିପାରିବ ନାହିଁ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରିଅଛନ୍ତି । (ମାଥିଉ ୧୬:୧୮) । ମୃତ୍ୟୁରୁ ପୁନଃରୁତ୍ଥିତ ହୋଇ, ଶୟତାନର ମସ୍ତକକୁ ସେ ଚୂର୍ଣ୍ଣବିଚୂର୍ଣ୍ଣ କରିଅଛନ୍ତି । ସେ ମରଣର ବଳକୁ ଭାଙ୍ଗି ଅଛନ୍ତି । ''କିନ୍ତୁ ଏବେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁଙ୍କର ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି; ସେ ମୃତ୍ୟୁକୁ ଲୋପ କରିଅଛନ୍ତି, ପୁଣି, ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ ପ୍ରକାଶ କରିଅଛନ୍ତି ।'' (୨ ତୀମଥି ୧:୧୦) । ଖ୍ରୀଷ୍ଟଙ୍କ ପୁନଃରୁଥାନର ସତ୍ୟତା, ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଅନନ୍ତଜୀବନର ଭରସା ଦିଏ । ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରେ ''ଜୟ ମୃତ୍ୟୁକୁ ଗ୍ରାସ କରିବ ।'' (୧ମ କରିନ୍ଥୀ ୧୫:୫୫)

୩) ଅନନ୍ତ ଜୀବନରେ ଜୟ :- ଖ୍ରୀଷ୍ଟଙ୍କ ଠାରେ ଜୟ କେବଳ ଏହି ଜଗତରେ ନୁହେଁ, ବରଂ ଶାରୀରିକ ମୃତ୍ୟୁ ପରେ ଅନନ୍ତଜୀବନ ରୂପ ଜୟପ୍ରାପ୍ତ ହେବୁ । ବାକ୍ୟ କହେ, ''ଏଥି ନିମନ୍ତେ ଉକ୍ତି ଅଛି, ସେ ଉର୍ଦ୍ଧ୍ୱରେ ଆରୋହଣ କରି ବନ୍ଦୀମାନଙ୍କୁ ବନ୍ଦୀ କରି ନେଇଗଲେ, ଆଉ ମନୁଷ୍ୟମାନଙ୍କୁ ନାନା ବରଦାନ

କଲେ ।'' (ଏଫିସୀ ୪:୮) । ବିଜୟୀ, ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କୁ ଯୀଶୁଖ୍ରୀଷ୍ଟ ଅନନ୍ତଜୀବନ ରୂପ ବରଦାନ ଦିଅନ୍ତି । (ରୋମୀୟ ୬:୨୩) । ''ସେହି ମହାଦିନରେ ଖ୍ରୀଷ୍ଟଙ୍କ ଯୋଦ୍ଧାମାନେ ନ୍ୟାୟବାନ ବିଚାରକର୍ତ୍ତା ପ୍ରଭୁଙ୍କ ଠାରୁ ଧାର୍ମିକତାର ମୁକୁଟ ପ୍ରାପ୍ତ ହେବେ । (୨ୟ ତିମଥି ୪:୮) । ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରିବା, ପିତା ପରମେଶ୍ୱରଙ୍କ ଯୁଗେ ଯୁଗେ ମହିମା ଓ ଗୌରବ ହେଉ ।''

- Bobby Dockery

* * *

## ବିଶ୍ୱାସ ଓ ଅନୁଗ୍ରହ
### (Trust and Grace)

ପାପ, ମନୁଷ୍ୟକୁ ଈଶ୍ୱରଙ୍କ ଠାରୁ ଦୂର କରେ । ଏହି ବ୍ୟବଧାନ ମନୁଷ୍ୟ ଆପଣଣ ଶକ୍ତି ଦ୍ୱାରା ନିଶେଷ କରିପାରେ ନାହିଁ, ''କାରଣ ସମସ୍ତ ମାନବର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ପ୍ରକାଶିତ ହୋଇଅଛି ।'' (ତିତ ୨:୧୧) । ତାହାଙ୍କ ବହୁମୂଲ୍ୟ ରକ୍ତ ଦ୍ୱାରା ଆମ୍ଭମାନଙ୍କ ପାପ ଧୌତ ହୁଏ । (୧ମ ପିତର ୧:୧୯)

ପରମେଶ୍ୱରଙ୍କ ଅନୁଗ୍ରହ ମନୁଷ୍ୟର ସହକାର ଆବଶ୍ୟକ । ''ବିଶ୍ୱାସ ଶ୍ରବଣ ଜାତ'' ହୋଇଥିବାରୁ, ପାପୀ ମନୁଷ୍ୟ ତାହାଙ୍କ ବାକ୍ୟ ଶ୍ରବଣ କରିବା ଆବଶ୍ୟକ । (ରୋମୀୟ ୧୦:୧୭), ଶ୍ରବଣ କରିଥିବା ବାକ୍ୟରୁ ଯେଉଁ ବିଶ୍ୱାସ ଜାତ ହୁଏ, ତାହାର ଆଜ୍ଞାବହ ହେବା ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ । ତେଣୁକରି ପ୍ରେରିତ ପାଉଲ ଆପଣା ଲେଖନୀରେ, ''ବିଶ୍ୱାସର କର୍ମ'' (୧ମ ଥେସ ୧:୩), ''ପ୍ରେମରେ, କାର୍ଯ୍ୟସାଧକ ବିଶ୍ୱାସ'' (ଗାଲାତୀ ୫:୬), ଏବଂ ''ବିଶ୍ୱାସ କରି ଆଜ୍ଞାବହ ହେବା'' (ରୋମୀୟ ୧୬:୨୬) ପଦଗୁଡ଼ିକ ଆପଣା ଲେଖନୀରେ ବ୍ୟକ୍ତ କରନ୍ତି ।

ଯାକୁବ ୨:୧୪-୨୬ ପଦଗୁଡ଼ିକରେ ''ବିଶ୍ୱାସ କର୍ମ ବିନା ମୃତ'' ବୋଲି ସରଳଭାବେ ବର୍ଣ୍ଣନା କରାଯାଇଅଛି । ମନୁଷ୍ୟର ଆତ୍ମାର ଅନୁଗ୍ରହ ନିମନ୍ତେ ସଦାପ୍ରଭୁ ଯେଉଁ ସର୍ତ୍ତ ରଖି ଅଛନ୍ତି, ତାହା ବିଶ୍ୱାସୀ ପ୍ରଶ୍ନ କରେ ନାହିଁ । ମନୁଷ୍ୟର ଆଲୋଚନାଯାୟୀ,

ପରମେଶ୍ୱର ବିଚାର କରନ୍ତି ନାହିଁ। ''ଆଜ୍ଞାବହତାର ବିଶ୍ୱାସ'' ମନୁଷ୍ୟର ରୀତିନୀତି, ମନୁଷ୍ୟର ଆଲୋଚନା, ଅନୁଭୂତି ପ୍ରଭୃତି ଭୃକ୍ଷେପ ନ କରି, ପରମେଶ୍ୱରଙ୍କ ଆଜ୍ଞାକୁ ସମ୍ମାନିତ କରେ, ଆଜ୍ଞାବହ ବିଶ୍ୱାସ, ସ୍ୱଇଚ୍ଛାରେ କାର୍ଯ୍ୟ ନ କରି ପରମେଶ୍ୱରଙ୍କ ଇଚ୍ଛାର ବଶୀଭୂତ ହୁଏ।

ଏବ୍ରୀ ପୁସ୍ତକକର୍ତ୍ତା, ''ବିଶ୍ୱାସ'' ବିଷୟରେ ଏକାଦଶ ଅଧ୍ୟାୟରେ ସୁନ୍ଦର ଭାବେ ବର୍ଣ୍ଣନା କରିଅଛନ୍ତି। ହେବଲ, ବିଶ୍ୱାସରେ ପରମେଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ବଳି ଉତ୍ସର୍ଗ କରିଥିଲେ। (ଏବ୍ରୀ ୧୧:୪)। ହନୋକ ବିଶ୍ୱାସରେ ପରମେଶ୍ୱରଙ୍କ ସହ ଗମନାଗମନ କରିଥିଲେ। (ଏବ୍ରୀ ୧୧:୫)। ନୋହ, ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ଜାହାଜ ନିର୍ମାଣ କରିଥିଲେ। (ଏବ୍ରୀ ୧୧:୭)। ଅବ୍ରାହାମ, ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ଆପଣା ସ୍ୱଦେଶ, ବନ୍ଧୁବାନ୍ଧବ ପରିତ୍ୟାଗ କରି, ସଦାପ୍ରଭୁଙ୍କ ଦେଖାଇ ଥିବା କିଣାନ ଦେଶରେ ଆସି ବାସ କଲେ। (ଏବ୍ରୀ ୧୧:୮)। ପରମେଶ୍ୱରଙ୍କ ନିର୍ଦ୍ଦେଶାନୁଯାୟୀ, ଇଶ୍ରାଏଲ ଜାତି ଯିରୀହୋ ନଗର ପ୍ରଦକ୍ଷିଣ କରିବା ଫଳରେ, ସେ ନଗରର ପ୍ରାଚୀର ଭୂମିସାତ୍ ହୋଇଥିଲା।

ଏହି ଅଧ୍ୟାୟରେ ବର୍ଣ୍ଣିତ ବିଶ୍ୱାସ ଯୋଦ୍ଧାମାନେ ଆପଣା ଯୋଗ୍ୟତା ଉପରେ ନିର୍ଭର ନ କରି, ପରମେଶ୍ୱରଙ୍କ ଓ ତାହାଙ୍କ ଅନୁଗ୍ରହ ଉପରେ ନିର୍ଭର କରି ବିଶ୍ୱାସ ଜୀବନରେ ଆଗେଇ ଯାଇଥିଲେ। ଉଦାହରଣ:- ହେବଲଙ୍କ ବିଶ୍ୱାସ ପଶୁବଳି ଉପରେ ନ ଥିଲା, ବରଂ ସେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରି ସର୍ବଶ୍ରେଷ୍ଠ ବଳି ଉତ୍ସର୍ଗ କରିଥିଲେ। ପରମେଶ୍ୱରଙ୍କ ଠାରେ ତାହାଙ୍କ ଅନୁଗ୍ରହ ଓ ତାହାଙ୍କ ରକ୍ତର ଶକ୍ତି ଠାରେ ମନୁଷ୍ୟର ବିଶ୍ୱାସ ଓ ଭରସା, ତାହାର ଆଜ୍ଞାବହତା ଦ୍ୱାରା ପ୍ରମାଣିତ ହୁଏ। ବାକ୍ୟ କହେ, ''ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର, ତହିଁରେ ସେ ତୁମ୍ଭର ପଥସବୁ ସରଳ କରିବେ।'' (ଗୀତ ୩:୬)

**- Frank Chesser**

* * *

# The Church of Christ

- ☞ The Bible is its only guide.
  (Roman 1:16, I Thes 2:13
- ☞ It wears a biblical name.
  (Roman 16:16)
- ☞ It was established at the right place.
  (Isaiah 2:2,3, Acts 2)
- ☞ It was established at the right time.
  (Joel 2:28-32, Acts 2)
- ☞ It was established on the right foundation.
  (Mathew 16:18, Acts 2:36)
- ☞ The saved are in it.
  (Eph. 5:23, Acts 2:47)
- ☞ Its members are enrolled in heaven.
  (Hebrews 12:23)
- ☞ Membership in it is obtained by obedience to God's commands, including baptism.
  (Acts 2:41-47, I Cor. 12:13)

Edited & Published by : Kabita & Joshua Gootam

# COLOSSIANS 3:15

PURPOSE: To emphasize our need to hear Paul's instuctions to the Colossians.

## I. "Let the Peace of God rule in your hearts...."

A) "Be careful for nothing:but in everything by prayer and supplication with thanksging let your request be made known unto God. And the Peace of God,which passeth all understanding,shall keep your hearts and minds through Christ Jesus"(Philippians 4:6,7).

B) "Thou wilt keep him in perfect peace,whose is stayed on thee; because he trusteth in thee"(Isaiah 26:3).

C) "The Lord bless thee,and keep thee;the Lord make his face shine upon thee,and be gracious unto thee;The Lord lift up his countenance upon thee,and give thee peace"(Numbers 6:24-26).

D) "Great peace have they which love thy law;and nothing shall offend them"(Psalm 119:165).

## II. "Ye are called in one body......"

A) Paul made it plain that we are called by the Gospel (2 Thessalonians (2:14).

B) The one body is the church(Colossians 1:18).See also Ephesians 4:4; 1:22,23;2:16.

C)When a Person obeys the Gospel call the Lord adds hm to His church (Acts 2:47).

D) The Gospel calls each person to believe(John 8:24), repent(13:3,5), confess(Matthew 10:32,33),and be baptized (Mark 16:16).

## III. "And be ye thankful." See also Colossians 3:17;4:2; 1:12.

A) "Giving thanks always for all things unto God and the Father

in the name of our Lord Jesus Christ (Ephesians 5:20).

B) In everything give thanks;for this is the will of God in Christ Jesus concering you (1 Thessalonians 5:18).

C) Thanks be unto God for his unspeakable gift (2 Corinthians 9:15).

D) neither were thankful .....(Romans 1:21).

CONCLUSION: I have three questions for you today.(1)Is the peace of God ruling in your heart? (2)Are you in the one body?(3)Are you thank ful?

-Ken Tyler

**Printed Book Only**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)